# Akashvani, Sambalpur

## SAMBALPURI NEWS BULLETIN

### 10 March 2025- 6.47- 6.52 am.

*********************************************

ସଂସଦ୍‌ର ବଜେଟ୍ ଅଧିବେଶନ       ଏନ୍‌ଏସ୍‌ଡି

ସଂସଦ୍‌ର ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏଜ୍ ମୁଲ୍ ହେଉଛେ । ଏପ୍ରିଲ୍ ୪ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ଅଧିବେଶନ୍‌ଥି ୨୦ ଟା କାର୍ଯ୍ୟଦିବସ ରହିଛେ ।  ଅଧିବେଶନ୍‌ଥି ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ଅନୁଦାନ୍ ଦାବି ଆଉ ବ୍ୟୟ ଅଟକଳ ବିଲ୍ ଉପ୍‌ରେ ଆଲୋଚନା ହେବା ।
ଇନ ଜନେଇ ଦିଆଯାଇପାରେ ଯେ, ସଂସଦ୍‌ର ବଜେଟ୍ ଅଧିବେଶନ୍‌ର ପହେଲା ଖେପ୍ ଗଲା ଜାନୁଆରୀ ୩୧ ତାରିଖ୍‌ନୁ ଫେବୃଆରୀ ୧୩ ତାରିଖ୍‌ତକ୍ ହେଇଥିଲା ।

କ୍ରିକେଟ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ଚମ୍ପିଆନ୍ସ ଟ୍ରଫି ନ ଭାରତୀୟ କ୍ରିକେଟ୍ ଦଲ୍ର ଐତିହାସିକ୍ ବିଜୟ ଉତ୍ରୁ ରାଷ୍ଟ୍ରପତି , ପ୍ରଧାନ୍ମନ୍ତ୍ରୀ , ରାଜ୍ୟପାଲ୍ , ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ସାମାଜିକ ଗଣମାଧ୍ୟମ୍ ଜରିଏ ଶୁଭେଚ୍ଛା ଜନେଇଛନ୍ ।

ଦୁବାଇ ଇଂଟର୍ନେସ୍ନାଲ୍ ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ ଖେଲାଯାଇଥିବା ଚାମ୍ପିଆନ୍ସ ଟ୍ରଫିର୍ ଫାଇନାଲ୍ ମେଚ୍ଥି ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ୍କେ ୪ ଓ୍ୱିକେଟ୍ଥି ହରେଇକରି ଚମ୍ପିଆନ୍ ହେଇଛେ ।  ଇତାକେ ମିଶେଇକରି ଭାରତୀୟ ଦଲ୍ ୩ ନମ୍ବର୍ ଥର୍ ଲାଗି ଚମ୍ପିଆନ୍ସ ଟ୍ରଫି ଜିତିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି        ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର ୟୁନିଟ୍ ୫ ନଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏଜ୍ ଶୁଣାଣି ବନ୍ଦ ରହେବା । ବିଧାନ୍ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍ନୁ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ପିଜି ନାଁଲେଖା ହି.ସ.

୨୦୨୫-୨୬ ଶିକ୍ଷାବର୍ଷରୁ ସ୍ନାତକୋତର ପାଠ୍ପଢ଼ାରୁ ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ଆଏଜ୍‌ନୁ ମୁଲ୍ ହେଉଛେ । ୨୮ ତାରିଖ୍‌ତକ୍ ସାମ୍ସ ୱେବ୍‌ସାଇଟ୍ ଜରିଏ ଆବେଦନ୍ କରାଯାଇପାର୍‌ବା । କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ ଆଏବା ମେ ମାସ ୪ ନୁ ୧୮ ତାରିଖ୍ ଭିତ୍‌ରେ ହେବା । ଇତାର୍‌ସହେତେ ଜୁଲାଇ ୧୦ ତାରିଖ୍‌ତକ୍ ବିଶ୍ୱ ବିଦ୍ୟାଲୟ ଆଉ ମହାବିଦ୍ୟାଲୟମାନ୍‌କେ ସ୍ନାତକୋତର ପାଠ୍ୟକ୍ରମ୍ ମୁଲ୍ ହେବାର୍ ଲକ୍ଷ୍ୟ ରଖାଯାଇଛେ ।

ପୁରୀ ଶ୍ରୀମନ୍ଦିର ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ରତ୍ନଭଣ୍ଡାର୍‌ର ମରାମତି କାମ୍ ଶେଷ୍ ହେବାର୍ ଉତ୍‌ରୁ ଅଳଙ୍କାର୍ ମାନ୍‌କର୍ ଗନ୍‌ତି ମନ୍‌ତି କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ମରାମତି କାମ୍ ସ୍ନାନଯାତ୍ରାତକ୍ ଶେଷ୍ ହେଲେ ଅଳଙ୍କାର୍ ମାନ୍‌କୁ

ରତ୍ନଭଣ୍ଡାର୍‌କେ ନିଆଯିବା । ଇ ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍-ଆଇନ୍‌ମନ୍ତ୍ରୀ)

ସେନ୍ତା ଶ୍ରୀମନ୍ଦିର୍ ନ ଇ ମାସ୍ ଶେଷ୍‌ତକ୍ ଧାଡ଼ିଦର୍ଶନ୍‌କେ ନେଇକରି ପଦକ୍ଷେପ୍ ନିଆଯିବା ଆଉ ଖରାକେ ନଜର୍‌ଥି ରଖିକରି ଶ୍ରଦ୍ଧାଳୁମାନ୍‌କର୍ ଲାଗି ଖାସ୍ ବ୍ୟବସ୍ଥା କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଦୋଳଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଫଗୁନ୍ ମାସର୍ ଶୁକ୍ଳ ଦଶ୍‌ମୀ ତିଥିଥି ଦୋଳଯାତ୍ରା ମୁଲ୍ ହେଇଛେ । ଫଗୁ ଦଶ୍‌ମୀ ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଗଲାକାଏଲ୍ ନୁ ହପ୍ତେ ଧରିକରି ହେବାର୍‌କେ ଥିବା ଦୋଳ ଉତ୍ସବ୍ ଭିଲ୍ ମୁଲ୍ ହେଇଛେ । ଆଏବା ୧୪ ତାରିଖ୍ ଫଗୁନ୍ ପୁନି ଦିନ ଶ୍ରୀବିଗ୍ରହମାନ୍‌କର୍ ସୁନାବେଶ ହେବା ।

କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ-ସୁଭାଷ ଶତ୍‌ପଥୀ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ୍ ପୁରସ୍କାର୍ ଲାଗି ବଛା ହେଇଥିବା ଅନୁବାଦକ୍ ସୁଭାଷ ଶତ୍‌ପଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶୁଭେଚ୍ଛା ଜନେଇଛନ୍ ।  ବିଶିଷ୍ଟ ଲେଖକ ଆର୍ ଅନୁବାଦକ୍ ସୁଭାଷ୍ ଶତପଥୀ ପ୍ରସିଦ୍ଧ ଲେଖକ ରସ୍କିନ୍ ବଣ୍ଡ୍‌ଙ୍କର୍ ଆତ୍ମଜୀବନୀ 'ଲୋନ୍ ଫକ୍ସ ଡ୍ୟାନ୍‌ସିଙ୍ଗ୍'ର ଓଡ଼ିଆ ଅନୁବାଦ୍ 'କୋକିସିଆଳିର ଏକକ ନୃତ୍ୟ' କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର୍ ପାଏବେ ।

ଫିନ୍‌ଟେକ୍ ନୀତି-ରାଜ୍ୟ ସର୍‌କାର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାକେ ଫିନ୍‌ଟେକ୍ ହବ୍ ବନାବାର୍ ଲାଗି ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ଆଉ ଇଟାକେ ନଜର୍‌ଥି ରଖିକରି ନୂଆଁ ଫିନ୍‌ଟେକ୍ ନୀତି ଅନାଯିବା ବଲି ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ୍‌ଥି କୁହାଯାଇଛେ । ରାଜ୍ୟର୍ ଅର୍ଥନୈତିକ୍ ଆର୍ ସାମାଜିକ୍ ବିକାଶ୍‌ଥି ଫିକ୍‌ଟେକ୍ ଫାର୍ମ ମାନ୍‌କର୍ ଯୋଗଦାନ୍‌କେ ବଢ଼ାବାର୍ ଲାଗି ଗୁଟେ ବ୍ଲୁ ପ୍ରିଂଟ୍ ତିଆର୍ କରାଯିବା । ଇତାର୍ ଜରିଏ ଆର୍ଥିକ୍ ଅନ୍ତର୍ଭୁକ୍ତି, ଜୀବିକା, ନୂଆଁ ନିଯୁକ୍ତି ଆଉ ଜିଡ଼ିପିକେ

ଯୋଗ୍‌ଦାନ୍ ବାଗିର୍ ଭିନ୍ ଭିନ୍ ଦିଗ୍ ମାନ୍‌କୁ ତୁର୍‌ତି କରାଯିବା ବଲି ଲକ୍ଷ୍ୟ ରଖାଯାଇଛେ ।

ସୁବର୍ଣ୍ଣପୁର୍-ରାଷ୍ଟ୍ରୀୟ ନାଟ୍ ମେଲା          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର 'ନାଟ୍' ଅନୁଷ୍ଠାନ୍ ତର୍‌ଫୁ ରାଷ୍ଟ୍ରୀୟ ନାଟ୍ ମେଲା ହେଇଯାଇଛେ । ଜିଲ୍ଲା ସଂସ୍କୃତି ଭବନ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଏଞ୍ଜେଲିନା ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ 'ଆମ ଅଂଚଳର ରଙ୍ଗମଂଚ ଓ ଅଭିନେତ୍ରୀ ସମସ୍ୟା' ଶୀର୍ଷକ୍ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପଶ୍ଚିମ ଓଡ଼ିଶାର୍ ୨୧ ଝନ୍ ମଂଚ ଅଭିନେତ୍ରୀଙ୍କୁ ନାଟ୍ ସରସ୍ୱତୀ ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଥିଲା ।

ଆୟୁର୍ବେଦିକ୍ ସ୍ୱାସ୍ଥ୍ୟ ଶିବିର          ଆର୍‌ଏନ୍‌ୟୁ/ ସମ୍ବଲପୁର

ବଲାଙ୍ଗିର୍ ଜିଲ୍ଲା ଆଗଲ୍‌ପୁର୍ ବ୍ଲକ୍‌ର ନଅାଁଗା-୨ ଠାନେ ପଲ୍ଲୀ ଆଲୋକ ପାଠାଗାର ଆର୍ ସଞ୍ଜିବନୀ ସେବା ସଂଗଠନ୍‌ର ମିଲିତ୍ ସହଯୋଗ୍‌ଥି ଗୁଟେ ମାହାଲିଆ ଆୟୁର୍ବେଦିକ୍ ସ୍ୱାସ୍ଥ୍ୟ ଶିବିର ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍

ମହାଲିଙ୍ଗ୍ ଉଦ୍‌ଘାଟନ୍ କରିକରି ଗାଁ ଇଲାକା ନ ସାଧାରଣ୍ ଲୁକ୍‌କୁ ଇ ସେବା ଯୁଗେଇ ଦେବାର୍ କ୍ଷେତ୍ରଥି ଶିବିର୍‌ର ଆୟୋଜକଙ୍କୁ ପ୍ରଶଂସା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏବା ୪/୫ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୩ ନୁ ୫ ଡିଗ୍ରୀତକ୍ ବଢ଼୍‌ବା ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ କୁହାଯାଇଛେ । ରାଜ୍ୟର୍ ୬ ଟା ଜିଲ୍ଲା ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ସୋନ୍‌ପୁର୍, ବୌଦ୍ଧ ଆର୍ ବଲାଙ୍ଗିର୍ ଜିଲ୍ଲା ନ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି ରହିଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ନ ୩୮ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଥିଲା ।